# ତହସିଲ କାର୍ଯ୍ୟାଳୟ, ହରଭଙ୍ଗା (ଚାରିଛକ), ଜିଲ୍ଲା-ବୌଦ୍ଧ

(ଲଘୁ ଖଣିଜ ଦ୍ରବ୍ୟ ସକାଶେ ଲିଜ ଇସ୍ତାହାର)

ବିଜ୍ଞପ୍ତି ସଂଖ୍ୟା ୪୯୮ / ତାରିଖ ୨୪/୦୨ / ୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ସକାଶେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ହରଭଙ୍ଗା ତହସିଲ ଅନ୍ତର୍ଗତ ବିଭିନ୍ନ ଲଘୁ ଖଣିଜ ଖାଦାନ ଗୁଡିକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ତହସିଲଦାର, ହରଭଙ୍ଗା ଦ୍ୱାରା ନିଲାମ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rules, 2016 ର Form- M ପୂରଣ ପୂର୍ବକ ତିନି କପି ସହିତ ଟ. ୧୦୦୦.୦୦ (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାନ ତଥା ଆବଶ୍ୟକ ଦଲିଲ ସଲଗ୍ନ କରି ଜଉମୁଦା ଲଫାଫାରେ ଏହି ତହସିଲ କାର୍ଯ୍ୟାଳୟରେ ଆବେଦନ କରି ପାରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା ୦୧.୦୩.୦୨୦୨୧ ରଖ ଠାରୁ ତା ୧୯.୦୩.୨୦୨୧ ରିଖ ଅପରାହ୍ନ ଘ. ୧୨.୦୦ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ କାର୍ଯ୍ୟାଳୟର ଡ୍ରପ ବକ୍ସରେ ପକାଇ ପାରିବେ ଏବଂ ତା ୧୯.୦୩.୨୦୨୧ ରିଖ ଅପରାହ୍ନ ୩.୦୦ ଘଣ୍ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ତନଖି କରାଯାଇ ସର୍ବୋଚ୍ଚ ଲିଜ ଦରଖାସ୍ତକୁ ବିଚାରକୁ ନିଆଯାଇ ଲିଜ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ ତଥା ଆସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଏଣୁ ଧାର୍ଯ୍ୟ ତାରିଖ ତଥା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତ ରହିବାକୁ ଅନୁରୋଧ। ଯଦି ଦରଖାସ୍ତକାରୀ ଉପସ୍ଥିତ ନ ରହନ୍ତି ତାହେଲେ କେହି ଦାୟୀ ରହିବେ ନାହିଁ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏ ସଂକ୍ରାନ୍ତିୟ ସମ୍ପୂର୍ଣ୍ଣ ବିବରଣୀ ଇତ୍ୟାଦି ତହସିଲ ଅଫିସ, ହରଭଙ୍ଗା ତଥା ବୌଦ୍ଧ ଜିଲ୍ଲା Web Site- www.boudh.nic.in ରେ ଉପଲବ୍ଧ ହେବ ।

ବି.ଦ୍ର.- କୌଣସି ସୂଚନା ନ ଦେଇ ଦରକାର ପଡିଲେ ତହସିଲଦାର, ହରଭଙ୍ଗା ଲିଜ ତାରିଖକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖି ପାରିବେ ।

୨୫.୦୨.୨୧

ତହସିଲଦାର, ହରଭଙ୍ଗା

ଜ୍ଞାପକ ସଂଖ୍ୟା ୪୯୯ / ତାରିଖ ୨୪/୦୨ / ୨୦୨୧

ଏହାର ନକଲ ତହସିଲ ବିଜ୍ଞାପନ ବୋର୍ଡ/ ସମସ୍ତ ରାଜସ୍ୱ ନିରିକ୍ଷକ/ ସମସ୍ତ ସରପଞ୍ଚ ହରଭଙ୍ଗା ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହରଭଙ୍ଗା ପଞ୍ଚାୟତ ସମିତିଙ୍କ ଅବଗତି ତଥା ଇସ୍ତାହାର ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

୨୫.୦୨.୨୧

ତହସିଲଦାର, ହରଭଙ୍ଗା

ଜ୍ଞାପକ ସଂଖ୍ୟା ୫୦୦ / ତାରିଖ ୨୪/୦୨ / ୨୦୨୧

ଏହାର ଏକାକିତା ନକଲ ଜିଲାପାଳ, ବୌଦ୍ଧ/ ଉପ-ଜିଲ୍ଲାପାଳ, ବୌଦ୍ଧଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୨୫.୦୨.୨୧

ତହସିଲଦାର, ହରଭଙ୍ଗା

ଜ୍ଞାପକ ସଂଖ୍ୟା ୫୦୧ / ତାରିଖ ୨୪/୦୨ / ୨୦୨୧

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବୌଦ୍ଧ/ ଡି.ଆଇ.ଓ, ଏନ.ଆଇ.ସି, ବୌଦ୍ଧଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୨୫.୦୨.୨୧

ତହସିଲଦାର, ହରଭଙ୍ଗା

Scanned with CamSc

# ଖଣିଜ ଉତ୍ସ ର ତଫସିଲଭୁକ୍ତ ଜମିର ବିବରଣୀ

| କ୍ର. ନଂ | ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ଲିଜ ରକବା (ଏକରରେ) | MGQ (approx.) in cm ପ୍ରଥମ ବର୍ଷ | ରୟାଲିଟି (ଘନ ମିଟର ପ୍ରତି) | ଅତିରିକ୍ତ ଦେୟ/ ଘନ ପ୍ରତି |
|---|---|---|---|---|---|---|---|---|---|
| ୧ | କରଡି ବାଲିଘାଟ | କରଡି | ୧୫୧ | ୪୬୬/A | ନଦୀ | ୧୨.୩୫ | ୮୦୦୦ | ୩୫.୦୦ | ୧୦.୦୦ |
| ୨ | କୃଷ୍ଣମୋହନପୁର ବାଲିଘାଟ | କୃଷ୍ଣମୋହନପୁର | ୪୩ | ୨୧୫/A | ନଦୀ | ୧୨.୩୫ | ୬୦୦୦ | ୩୫.୦୦ | ୧୦.୦୦ |
| ୩ | ଖରଶଙ୍କୁଲୋଇ ବାଲିଘାଟ | ଖରଶଙ୍କୁଲୋଇ | ୧୦୭ | ୧୦୦/A<br>୧୧୮/A | ନଦୀ<br>ନଦୀ | ୫.୦୦ | ୭୦୦୦ | ୩୫.୦୦ | ୧୦.୦୦ |
| ୪ | ଉଁଆଳ ବାଲିଘାଟ | ଉଁଆଳ | ୮୧ | ୨୨୧/A<br>୨୨୪/A | ନଦୀ | ୫.୦୦୦ | ୫୫୦୦ | ୩୫.୦୦ | ୧୦.୦୦ |
| ୫ | ଡିଆଁଘାଟ ବାଲିଘାଟ | ଡିଆଁଘାଟ | ୯୨ | ୭୬/A | ନଦୀ | ୫.୦୦୦ | ୮୦୦୦ | ୩୫.୦୦ | ୧୦.୦୦ |
| ୬ | ଖରଭୁଇଁ -୧ ପଥରଖାଦାନ | ଖରଭୁଇଁ | ୧୯୪ | ୨୭୫/A | ପର୍ବତ | ୭.୦୦୦ | ୧୦୦୮୦ | ୧୩୦.୦୦ | ୫୦.୦୦ |
| ୭ | ଖରଭୁଇଁ -୨ ପଥରଖାଦାନ | ଖରଭୁଇଁ | ୧୯୩ | ୧୪୬୩/A | ପର୍ବତ | ୭.୦୦୦ | ୮୮୨୦ | ୧୩୦.୦୦ | ୫୦.୦୦ |

## ଆବଶ୍ୟକୀୟ ଦଲିଲ ବିବରଣୀ

1. ପୃଥକ ଉତ୍ସ ପାଇଁ ଫର୍ମ-M ତିନି ସେଟ ଦେଇ ଆବେଦନ କରିବେ ।
2. ଟ. ୧୦୦୦.୦୦ ର (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାନ । Head of Account- 0853-Non ferrous mining Metallurgical industries-102-mineral concession fees rents & royalties. ଏହା ଫେରସ୍ତ କରାଯିବ ନାହିଁ ।
3. ନିଜ ନାମରେ କୌଣସି ପ୍ରକାର mining ଦେୟ ବକେୟା ନଥିବା ସତ୍ୟପାଠ ।
4. Trace map of the scheduled land
5. ଜିଏସଟି କ୍ଲିୟରେନ୍ସ ପ୍ରାପଣପତ୍ର
6. Land schedule
7. ଆବେଦନ କାରୀ ଅମାନତ ରାଶି (Earnest Money) ସ୍ୱରୂପ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ)ର ରୟାଲଟି ଓ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ର ଶତକଡା ୫ ପ୍ରତିଶତ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ଆକାର ରେ Tahasildar, Harabhanga (Charichhak) & payable at SBI, Charichhak ଙ୍କ ନାମେ ପ୍ରସ୍ତୁତ କରି ସଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରି ନଥିବା ନିଲାମଧାରୀଙ୍କ EMD ଟଙ୍କା ଉକ୍ତ source ର ବନ୍ଦୋବସ୍ତ ସ୍ଥିରୀକୃତ ହେଲାପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପ୍ରାପ୍ତ ହେଲାପରେ ଫେରସ୍ତ କରାଯିବ ।
8. ଦରଖାସ୍ତ କାରୀ rule 27 (4) (iv) of OMMC Rules 2016 ନିୟମ 27(A)(iv) ମୁତାବକ ସମ୍ପୃକ୍ତ ଖଣି ର ବାର୍ଷିକ ଉତ୍ତୋଳନ ହେବାକୁ ଥିବା MGQ (minimum Guarantee Quantity) ର ରୟାଲଟି ଓ ଆବେଦନ କରିଥିବା ପ୍ରସ୍ତାବିତ ଅତିରିକ୍ତ ଦେୟ (Addl. Charge) ପରିମାଣ ର ସମାନ ଅର୍ଥ ବା ତଦୁର୍ଦ୍ଧ ମୂଲ୍ୟ ର ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee )କିମ୍ବା ଶୋଧକ୍ଷମ ପ୍ରମାଣ ପତ୍ର (Solvency Certificate) ଯାହାର ଅବଧି ୧୮ ମାସ ପାଇଁ ବୈଧ ଥିବ ତାହା ଦାଖଲ କରିବେ ଓ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତି ର ତାଲିକା ପ୍ରଦାନ କରିବେ । IT return clearance certificate (ବିଗତ 2 ବର୍ଷର) ।

Scanned with CamSc

9. ନିଜ ନାମରେ କୌଣସି ଅପରାଧିକ ମାମଲା ନଥିବା ସତ୍ୟପାଠ ।

## ସର୍ତ୍ତାବଳୀ

1. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଗିହାତି ଆଇନ ୨୦୧୬ (OMMC Rules, 2016) ର ପରିସର ଭୁକ୍ତ ରହିବେ ।
2. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ପଦାର୍ଥ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ ରେ ଅଂଶ ଗ୍ରହଣ କରିବେ ।
3. ଲିଜ ରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
5. ପ୍ରତ୍ୟେକ ଉସ ପାଇଁ ଅଲଗା ଲଫାପାରେ ଓ ଲଫାପା ଉପରେ ଉସର ନାମ ଉଲ୍ଲେଖ କରିବେ ।
6. Mining plan ରେ ଦର୍ଶଯାଇଥିବା ଗଚ୍ଛିତ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶଯାଇଥିବା ଏକକ ରୟାଲିଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ, ଉକ୍ତ ରାଶି environment clearance ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେଶନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (execution of lease dead) ସମ୍ପାଦନ କରିବେ ।
7. ଅମାନତ ରାଶିର ପରିମାଣ ଲିଜ ଶେଷ ପରେ ସ୍ଥିର କରାଯିବ ।
8. ସାରଣୀରେ ଦିଆଯାଇଥିବା MGQ ର ପରିମାଣ approximate ଅଟେ । ଲିଜଧାରୀ ମାନେ mining Plan ରେ ଥିବା MGQ ପରିମାଣକୁ ନେଇ ବିଭିନ୍ନ ଦେୟ ପଇଠ କରିବେ।
9. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୭ ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ / ନଗଦ ଟଙ୍କା ଆକାରରେ ଜମା କରିପାରିବେ ।
10. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିବେଶ ମଞ୍ଜୁରିପତ୍ର ଦାଖଲ ନକଲେ ଅମାନତ ରାଶି ବ୍ୟାଜପ୍ତ କରାଯିବ ।
11. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାଇତ୍ୱ ରେ ହାସଲ କରିବେ ।
12. ପୁନଶ୍ଚ ନିୟମାବଳୀ ଅନୁଯାଇ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବ୍ୟଜାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିବ ।
13. ଲିଜଧାରୀ ସଇରାତ ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରିକରି ସେଥିରେ ସଇରାତ ନାମ ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁର ଖର୍ଚ୍ଚ ଲିଜଧାରୀ ବହନ କରିବେ ।
14. ଉପୋରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିଲା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।
15. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖିପାରିବେ ।
16. ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ରହିଅଛି ।
17. ଲିଜ ର ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିବା ତଥା ସର୍ବାଧିକ ଅତିରିକ୍ତ ଦେୟ ଘନମୀଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ଦିଆଯିବ ।
18. ସର୍ବୋଚ୍ଚ ଅତିରିକ୍ତ ଦେୟ ଘନମୀଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତପରବର୍ତ୍ତୀ ଆବେଦନ କାରୀ ଙ୍କୁ ସୁଯୋଗ ଦିଆଯିବ।
19. ଯଦି ଦୁଇଜଣ ଆବେଦେନକାରୀ ଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟ ରେ ଲିଜ ପଟାଦାର ଚୟନ କରାଯିବ ।

Scanned with CamSc

20. ଯୋଗ୍ୟ ବିବେଚିତ ବ୍ୟକ୍ତି ଙ୍କୁ ବାଲି ଖଦାନ ପାଇଁ ଘନମୀଟର ପିଛା ନିର୍ଦ୍ଧାରିତ ରୟାଲିଟି ସହ ଅତିରିକ୍ତ ଦେୟ, ଡେଡ ରେଣ୍ଟ (ହେକ୍ଟର ଅନୁଯାୟୀ ଧାର୍ଯ୍ୟ ) ପୃଷ୍ଠ ଭୂମି ଖଜଣା (ହେକ୍ଟର ଅନୁଯାୟୀ ଧାର୍ଯ୍ୟ ), ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଦେୟ @ ୧୦% (ରୟାଲିଟି ଓ ଅତିରିକ୍ତଦେୟର), ପରିବେଶ ଉନ୍ନୟନ ପାଣ୍ଠି @୫% (ରୟାଲିଟି ଓ ଅତିରିକ୍ତଦେୟର), ଆୟକର @୨%(ରୟାଲିଟି ଓ ଅତିରିକ୍ତଦେୟର ) ପ୍ରତେକ ଆର୍ଥିକ ବର୍ଷ source ପରିଚାଳନା ପୂର୍ବରୁ ଏକକାଳୀନ ପଇଠ କରିବାକୁ ହେବ ।

21. ଦରଖାସ୍ତ ରେ କେବଳ ଲଘୁ ଖଣିଜ ଦ୍ରବ୍ୟ ର ଘନମୀଟର ପିଛା ଅତିରିକ୍ତ ଦେୟ ସ୍ପଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ ।

22. ସଫଳ ଆଦେଶିକ ସମୟ ସୀମା ମଧ୍ୟରେ ଅନୁମୋଦିତ mining plan ଓ ପରିବେଶ ବିକାଶ ଦାଖଲ ପରେ ଲିଜ ପଞ୍ଜୀକରଣ (confirm) କରିଯିବ ଏବଂ ଲୀଜ ଏଗ୍ରୀମେଣ୍ଟ ଆସିବା ସହ ରୟାଲିଟି କିମ୍ବା ଡେଡ ରେଣ୍ଟ ଯେଉଁଟା ଅଧିକ, ପୃଷ୍ଠଭୂମି ଖଜଣା ଅତିରିକ୍ତ ଦେୟ ଜିଲ୍ଲା ଲଘୁ ଖଣିଜ ପାଣ୍ଠି ,ପରିବେଶ ପରିଚାଳନା ପାଣ୍ଠି ସହିତ ଆୟ କର ପଇଠ କରିବାକୁ ପଡିବ ।

ଦ୍ରଷ୍ଟବ୍ୟ : ଦୀର୍ଘମିଆଦି ସୂତ୍ରେ ( ୫ ବର୍ଷ ) ଦେବାକୁ ଥିବା ଖଣିଜ ଉଛ ର ଏକ ତାଲିକା ଦିଆଯାଇଅଛି ।

23. ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟା ଳୟ ରେ ଦାଖଲ କରିବେ ।

24. ଟେଣ୍ଡର ପାଇଁ ବିଜ୍ଞାପନ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀର ସମସ୍ତ ଖର୍ଚ ସଫଳ ନିଲାମଧାରୀ ମାନେ ବହନ କରିବେ ।

25. ସରକାରୀ ରୟାଲିଟି ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କ ଏମ–ଫର୍ମ ଖାରଜ କରାଯିବ ।

25.02.21

ତହସିଲଦାର, ହିରଭଙ୍ଗା

ଚାରିଛକ

Scanned with CamSc

# FORM – M

Application for grant of Quarry Lease

[*See* rule 27(4)]

To

..........................................................................................................................................

Dated the 20

Sir,

1. I/We submit an application for a quarry lease for.............(mineral) for a term of .................... years over............hectares of land in the area specified in the *Annexure* given below:-
2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at............and a receipted challan bearing No.......... dated.......is enclosed.
3. The required particulars are given below:-
   - i) An affidavit stating that no mining due payable under the Act and Rules made there under is outstanding against the applicant.
   - ii) Where land belongs to private persons, consent of all such persons for grant of quarry lease.
   - iii) Solvency certificate and list of immovable property from the Revenue Authority.
4. (i) Name and address of the applicant..........................................................................

   (ii) Nationality of the applicant...................................................................................

   (iii) Profession of the applicant..................................................................................

   (iv) Particulars of the areas, mineral wise, within the State for which the applicant or any person having joint interest with him.............................................................

   a) Already holds a quarry lease.......................................................................

   b) Has already applied for a quarry lease but not granted ...........................

   c) Being applied for simultaneously...............................................................

   d) Nature of joint interest, if any.....................................................................

   (v) Means by which the minor minerals is/are to be raised, i.e. whether manual or mechanical......................

   (vi) Manner in which the minor mineral raised to be utilized-

   (a) For manufacture.........................

   (b) For sale.....................................

   (c) Any other purpose.....................

   (vii) Details of the plan boundary description and land schedule of the area applied for to be enclosed.

Scanned with CamSc

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.......... Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.

Scanned with CamSc